অরିକାରାବୁଲା ସନ୍ୟାସୀ ରାଜୁ

*ବନାମ*

ଶାଖା ପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ,

ବିଶାଖାପାଟନମ୍ (ଏ.ପି) ଏବଂ ଅନ୍ୟମାନେ

ନଭେମ୍ବର 18,1996

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ମଚାରୀଙ୍କ ଅବସର କାଳୀନ ଭତ୍ତା ପାଣ୍ଠି ନିୟମାବଳୀ :*

*ନିୟମ 22 (1) (b) ଏବଂ (c)—ବ୍ୟାଙ୍କ କର୍ମଚାରୀ—ଅସଦାଚରଣ ଅଭିଯୋଗରେ ଚାକିରିରୁ ବହିଷ୍କାର—ଅବସର କାଳୀନ ଭତ୍ତା ପାଇଁ ଦାବି—ଦର୍ଶାଯାଇଛି, ତିଷ୍ଠି ପାରିବ ନାହିଁ—ଅସଦାଚରଣ ପାଇଁ ଚାକିରିରୁ ବହିଷ୍କାର, ସେବା ପ୍ରଦାନ କରିବାରେ ଅକ୍ଷମତା ବୋଲି ବିବେଚନା କରାଯାଇପାରିବ ନାହିଁ ଏବଂ ନିୟମ 22 (1) ର ଖଣ୍ଡ (b) ଲାଗୁ ହୁଏ ନାହିଁ : କିମ୍ବା ଏପରି କ୍ଷେତ୍ରରେ ନିୟମର ଧାରା (c) ଲାଗୁ ହୁଏ ନାହିଁ—ଖଣ୍ଡ (c), 20 ବର୍ଷର ଚାକିରି ସମାପ୍ତ ହେବା ପରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କ୍ଷେତ୍ରରେ ଲାଗୁ ହେବ— ବହିଷ୍କାର ଆଦେଶ ମଧ୍ୟ ପକ୍ଷପାତମୂଳକ ନୁହେଁ ।*

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 14—ଅସଦାଚରଣ ଅଭିଯୋଗରେ ବ୍ୟାଙ୍କ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି—ଏହି ଆଧାରରେ ଅବସରକାଳୀନ ଭତ୍ତା ଅନୁମତି ତଦନୁରୂପ ସ୍ଥାନରେ ଥିବା ବ୍ୟକ୍ତିଙ୍କୁ ପୂର୍ବରୁ ଅବସରକାଳୀନ ଭତ୍ତା ଦିଆଯାଇଥିଲା— ଦର୍ଶାଯାଇଛି, ଏପରି କ୍ଷେତ୍ରରେ ଅନୁଚ୍ଛେଦ 14 ଲାଗୁ ହୁଏ ନାହିଁ, ଏହି ଆଦେଶ ପକ୍ଷପାତମୂଳକ ନୁହେଁ—କେବଳ ମାତ୍ର, ଏକ ଭୁଲ ପରାମର୍ଶରେ, ଅନ୍ୟ ଜଣେ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର ପରେ ଅବସର କାଳୀନ ଭତ୍ତା ଦିଆଯାଇଥିବାରୁ, ସେହି ସମାନ ଭୁଲକୁ ଜାରି ରଖିବା ପାଇଁ ଅନୁଚ୍ଛେଦ 14 ଅଧୀନରେ ଏହାକୁ ଏକ ଆଧାର କରାଯାଇପାରିବ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 15072/1996 ।

ଡବ୍ଲୁ.ଏ. ସଂଖ୍ୟା 203/1996ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର 26.4.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏ.ଟି.ଏମ୍. ସମ୍ପତ ଏବଂ ଭି.ବାଲାଜୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଟି ବିଜ୍ଞ ଏକକ ବିଚାରପତିଙ୍କ ରାୟକୁ ନିଶ୍ଚିତ କରି ରିଟ୍ ଅପିଲ ସଂଖ୍ୟା 203/96 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠଙ୍କ ଦ୍ୱାରା ଏପ୍ରିଲ୍ 26,1996 ତାରିଖରେ ଦିଆଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି ।

ସ୍ୱୀକାର କରାଯାଇଥିବା ସ୍ଥିତିଟି ହେଉଛି ଯେ, ଅପିଲକାରୀ ଜେ ଏମ୍ ଜି ହାର-1ରେ ଜଣେ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ସମୟରେ, ଏକ ତଦନ୍ତ କରାଯାଇଥିଲା ଏବଂ 1990 ମସିହା ମେ 25 ତାରିଖର ଆଦେଶ ଦ୍ୱାରା ଲିପିବଦ୍ଧ କରାଯାଇଥିବା ଅସଦାଚରଣର ସନ୍ଧାନ ପାଇବା ପରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା । ସେ ଭବିଷ୍ୟନିଧି ଏବଂ ଅବସର କାଳୀନ ଭତ୍ତା ପ୍ରଦାନ ପାଇଁ ଦାବି କରି ରିଟ୍ ଆବେଦନ ଦାଖଲ କରିଥିଲେ । ବିଜ୍ଞ ଏକକ ବିଚାରପତି ନିୟମ ଅନୁଯାୟୀ ଭବିଷ୍ୟନିଧି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ଅବସରକାଳୀନ ଭତ୍ତା ସୁବିଧାକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏହାକୁ ଖଣ୍ଡପୀଠ ନିଶ୍ଚିତ କରିଥିଲେ ।

ଆବେଦନକାରୀ ଭାରତୀୟ ଷ୍ଟେଟ ବ୍ୟାଙ୍କ ସେବା ନିୟମାବଳୀର ନିୟମ 22 ଉପରେ ନିର୍ଭର କରିଥିଲେ, ଯାହା ନିମ୍ନରେ ଲେଖାଯାଇଛି :

"22 (i) ଜଣେ ସଦସ୍ୟ ବ୍ୟାଙ୍କର ଚାକିରିରୁ ଅବସର ନେବା ପରେ ଏହି ନିୟମ ଅଧୀନରେ ଅବସରକାଳୀନ ଭତ୍ତା ପାଇବାକୁ ହକଦାର ହେବେ ।

(a) କୋଡ଼ିଏ ବର୍ଷର ଅବସରକାଳୀନ ଭତ୍ତା ଯୋଗ୍ୟ ସେବା ସମାପ୍ତ କରିବା ପରେ, ଯଦି ସେ ପଚାଶ ବର୍ଷ ବୟସ ହାସଲ କରିଛନ୍ତି;

(b) କୋଡ଼ିଏ ବର୍ଷର ଅବସରକାଳୀନ ଭତ୍ତା ଯୋଗ୍ୟ ସେବା ସମାପ୍ତ କରିବା ପରେ, ସେ ଯେଉଁ ବୟସ ହାସଲ କରିଥିବେ ତାହା ନିର୍ବିଶେଷରେ, ଯଦି ସେ ଅନୁମୋଦିତ ଡାକ୍ତରୀ ପ୍ରମାଣପତ୍ର ଦ୍ୱାରା ତାଙ୍କର ଅବସର ମଞ୍ଜୁରି କରିବାକୁ ସକ୍ଷମ କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରିଛନ୍ତି କିମ୍ବା ଅନ୍ୟଥା ସେ ଅଧିକ ସକ୍ରିୟ ସେବା ନିମନ୍ତେ ଅକ୍ଷମ ଅଟନ୍ତି;

(c) ତାଙ୍କର ବୟସ ଯାହା ହେଉନ କାହିଁକି, ସେ ଯଦି କୋଡ଼ିଏ ବର୍ଷର ଅବସରକାଳୀନ ଭତ୍ତା ଯୋଗ୍ୟ ସେବା ସମାପ୍ତ କରିବା ପରେ, ସେ ଲିଖିତ ଭାବେ ଏପରି ଅନୁରୋଧ କରନ୍ତି ।

(d) ପଚିଶ ବର୍ଷର ଅବସରକାଳୀନ ଭତ୍ତା ଯୋଗ୍ୟ ସେବା ପରେ ।

(ii) ଜଣେ ସଦସ୍ୟ ଯିଏକି ପଞ୍ଚାବନ ବର୍ଷ ବୟସ ଅତିକ୍ରମ କରିସାରିଛନ୍ତି କିମ୍ବା ତାଙ୍କ ଅବସର ଗ୍ରହଣକୁ ମଞ୍ଜୁରି ଦେବା ପାଇଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ସନ୍ତୋଷଜନକ ପ୍ରମାଣିତ ହେବେ ଯେ, ସେ ଅଧିକ ସକ୍ରିୟ ସେବା ପାଇଁ ଶାରୀରିକ କିମ୍ବା ମାନସିକ ଦୁର୍ବଳତା ହେତୁ ସ୍ଥାୟୀ ଭାବରେ ଅକ୍ଷମ (ଏହିପରି ଦୁର୍ବଳତା ଅନିୟମିତ କିମ୍ବା ଅପରିପକ୍ୱ ଅଭ୍ୟାସର ପରିଣାମ ହୋଇନଥିବ), ନ୍ୟାସୀମାନଙ୍କ ବିବେଚନାର ପରିଣାମସ୍ୱରୂପ, ଏକ ଆନୁପାତିକ ଅବସର କାଳୀନ ଭତ୍ତା ପାଇପାରିବେ ।

(iii) ଉପରୋକ୍ତ ଖଣ୍ଡ (1 (c) ଅନୁଯାୟୀ ଅବସର ନେବା ପାଇଁ ଅନୁମତି ପାଇଥିବା ଜଣେ ସଦସ୍ୟ ଆନୁପାତିକ ଅବସରକାଳୀନ ଭତ୍ତା ପାଇବାକୁ ହକଦାର ହେବେ ।"

ଏହା ଯୁକ୍ତି କରାଯାଇଥିଲା ଯେ, ଖଣ୍ଡ 22 (i) (b) ଅଧୀନରେ, ଚାକିରିରୁ ବହିଷ୍କାର ହେତୁ ସେ ପରବର୍ତ୍ତୀ ସମୟରେ ସକ୍ରିୟ ସେବା ପାଇଁ ଅକ୍ଷମ ହୋଇଥିଲେ ଏବଂ ସେ ଅବସରକାଳୀନ ଭତ୍ତା ପାଇବାକୁ ହକଦାର ଅଟନ୍ତି । ଉଚ୍ଚ ନ୍ୟାୟାଳୟ ଉକ୍ତ ଯୁକ୍ତିକୁ ଠିକ ଭାବରେ ଗ୍ରହଣ କରିନଥିଲେ । ଏହା ଦେଖାଯାଇଛି ଯେ, ଚିକିତ୍ସା ଆଧାରରେ କିମ୍ବା କୌଣସି ଗଣନା ଆଧାରରେ ଯଦି ସେ, ସେହି ଭିତ୍ତିରେ ଅବସର ଲୋଡ଼ିଥିଲେ ଏବଂ ତାଙ୍କ ଚାକିରିରୁ ଅବସର ନେବାକୁ ଅନୁମତି ମିଳିଥିଲା, ତେବେ ସେ 20 ବର୍ଷର ଅବସରକାଳୀନ ଭତ୍ତା ଯୋଗ୍ୟ ସେବା ପୂରଣ କରିବା ପରେ ସେବାନିବୃତ୍ତି ବେତନ ପାଇବାକୁ ହକଦାର ହେବେ । ଅସଦାଚରଣ ପାଇଁ ଚାକିରିରୁ ବହିଷ୍କାର, ସେବା ପ୍ରଦାନ କରିବା ପାଇଁ ଅକ୍ଷମତା ବୋଲି ବିବେଚନା କରାଯାଇପାରିବ ନାହିଁ ଏବଂ ଖଣ୍ଡ 22 (i)(b) ଅବସରକାଳୀନ ଭତ୍ତା ପାଇଁ ପ୍ରଯୁଜ୍ୟ ନୁହେଁ । ଏହା ପରେ ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ସମ୍ପଥ ଗମ୍ଭୀରତାର ସହ ଯୁକ୍ତି କରିଛନ୍ତି ଯେ, ଯେହେତୁ ସେ 20 ବର୍ଷର ଅବସରକାଳୀନ ଭତ୍ତା ଯୋଗ୍ୟ ସେବା ସମାପ୍ତ କରିଛନ୍ତି, ନିରପେକ୍ଷ ଭାବରେ ବହିଷ୍କାର ସତ୍ତ୍ୱେ, ଏହାର ଖଣ୍ଡ (c) ଅଧୀନରେ ସେ ଅବସରକାଳୀନ ଭତ୍ତା ପାଇବାକୁ ହକଦାର ଅଟନ୍ତି । ଏହାର ସମର୍ଥନରେ, ସେ ବ୍ୟାଙ୍କ ଦ୍ୱାରା ଫେବୃଆରୀ 11,1985 ରେ ଦିଆଯାଇଥିବା ଚିଠିରେ ଜାରି ହୋଇଥିବା ଏକ ସ୍ପଷ୍ଟୀକରଣ ଉପରେ ନିର୍ଭର କରିବାକୁ ଚାହୁଁଥିଲେ, ଏବଂ ଉଲ୍ଲେଖ କରିଥିଲେ ଯେ, ଚାକିରିରୁ ବହିଷ୍କାର, ତାଙ୍କୁ ଅନ୍ୟ ଅବସରପ୍ରାପ୍ତ ବ୍ୟକ୍ତିମାନଙ୍କ ପରି ଅବସରକାଳୀନ ଭତ୍ତା ପାଇବାକୁ ହକଦାର କରେ । ସେ ଆହୁରି ମଧ୍ୟ ଯୁକ୍ତି କରିଥିଲେ ଯେ, ଶ୍ରୀଯୁକ୍ତ ସି.ସି.ଏମ୍. ନାମ୍ବିଆର, ଯିଏ ଅନୁରୂପ ଭାବରେ ଅବସ୍ଥିତ ଏବଂ ଅସଦାଚରଣ ପାଇଁ ଚାକିରିରୁ ବହିଷ୍କୃତ ହୋଇଥିଲେ, ଉକ୍ତ ବାର୍ତ୍ତାରେ, ତାଙ୍କୁ ଏହି ସୁବିଧା ଦିଆଯାଇଥିଲା । ତେଣୁ, ଆବେଦନକାରୀ ସମାନ ସୁବିଧା ପାଇବାକୁ ହକଦାର ଅଟନ୍ତି । ଉକ୍ତ ଯୁକ୍ତିକୁ ଆମେ ସଠିକ ଭାବରେ ଗ୍ରହଣ କରିପାରିବୁ ନାହିଁ । ଖଣ୍ଡ 22 (i) (c) ରେ କେବଳ ଏହା ପରିକଳ୍ପନା କରାଯାଇଛି ଯେ, 20 ବର୍ଷର ଅବସର କାଳୀନ ଭତ୍ତା ଯୋଗ୍ୟ ସେବା ସମାପ୍ତ କରିବା ପରେ, ଯଦି ଜଣେ କାର୍ଯ୍ୟରତ କର୍ମଚାରୀ ତାଙ୍କ ଅନୁରୋଧ କ୍ରମେ ଲିଖିତ ଭାବେ ଅବସର ନିଅନ୍ତି ଏବଂ ତାଙ୍କୁ ଅବସର ନେବାକୁ ଅନୁମତି ଦିଆଯାଏ, ତେବେ ସେ ଅବସରକାଳୀନ ଭତ୍ତା ପାଇବାକୁ ହକଦାର ହେବେ । ଅନ୍ୟ ଅର୍ଥରେ, ସ୍ୱେଚ୍ଛାକୃତ ଅବସର ପାଇଁ, ଅବସରକାଳୀନ ଭତ୍ତା ଯୋଗ୍ୟ ସେବାର 20 ବର୍ଷ ସମାପ୍ତ ହେବା ପରେ, ନିୟମ 22 (1) ର ଖଣ୍ଡ (c) ଆକର୍ଷିତ ହୁଏ । ଅସଦାଚରଣ ପାଇଁ ଚାକିରିରୁ ବହିଷ୍କାର କରାଯାଇଥିବା ଅଧିକାରୀଙ୍କ ପାଇଁ ଏହା ପ୍ରଯୁଜ୍ୟ ନୁହେଁ । ଏହି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପର ଯଥାର୍ଥତା ପ୍ରତିପାଦନ କରି କୌଣସି ଆଇନଗତ ତ୍ରୁଟି କରିନାହାଁନ୍ତି । କେବଳ ମାତ୍ର, ଏକ ଭୁଲ ପରାମର୍ଶରେ, ଅନ୍ୟ ଜଣେ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର ପରେ ଅବସରକାଳୀନ ଭତ୍ତା ଦିଆଯାଇଥିବାରୁ, ସେହି ସମାନ ଭୁଲକୁ ଜାରି ରଖିବା ପାଇଁ ଅନୁଚ୍ଛେଦ 14 ଅଧୀନରେ ଏହାକୁ ଏକ ଆଧାର କରାଯାଇପାରିବ ନାହିଁ । ତେଣୁ, ଅନୁଚ୍ଛେଦ 14 ଲାଗୁ ହେଉ ନାହିଁ ଏବଂ କୌଣସି ପ୍ରକାରର ଭେଦଭାବ ସୃଷ୍ଟି ହେଉ ନାହିଁ ।

ଅପିଲକୁ ପରିସମାପ୍ତି କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲକୁ ପରିସମାପ୍ତି କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା : ସସ୍ମିତା ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ